# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 12th July - 2025

*********************************

## ମୁଖ୍ୟ ସମ୍ବାଦ

- ଜନସଂଖ୍ୟା ଓ ଗଣତନ୍ତ୍ର ଦେଶର ଅସୀମ ଶକ୍ତି ବୋଲି ଷୋଡ଼ଶ ରୋଜଗାର ମେଳାରେ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ ଅବସରେ କହିଲେ ପ୍ରଧାନମନ୍ତ୍ରୀ ।

- ରାଜ୍ୟର ବିଭିନ୍ନ ବିକାଶମୂଳକ ପ୍ରସଙ୍ଗରେ ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା ।

- ଜନସେବା କେନ୍ଦ୍ର ମାଧ୍ୟମରେ ରାଜ୍ୟରେ ଇ-ଡିଷ୍ଟ୍ରିକ୍ଟ ସେବାର ଶୁଭାରମ୍ଭ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

ଏବଂ

- ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତ ସହ ବର୍ଷା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି ।

*Desk*

# ପି.ଏମ୍. - ରୋଜଗାର ମେଳା

ଜନସଂଖ୍ୟା ଓ ଗଣତନ୍ତ୍ର ଦେଶର ଅସୀମ ଶକ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । ଆଭାସୀ ମାଧ୍ୟମରେ ଷୋଡ଼ଶ ରୋଜଗାର ମେଳାରେ ଆଜି ବିଭିନ୍ନ ବିଭାଗରେ ୫୧ ହଜାରରୁ ଅଧିକ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଆଜିର ଯୁବପିଢ଼ି ରାଷ୍ଟ୍ର ନିର୍ମାଣରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ଦେଶରେ ବିକଶିତ ହେଉଥିବା ଷ୍ଟାର୍ଟଅପ୍, ନବସୃଜନ ଓ ଗବେଷଣା ଉପରେ ପର୍ଯ୍ୟବସିତ ଇକୋସିଷ୍ଟମ୍ ଯୁବପିଢ଼ିଙ୍କ ଦକ୍ଷତା ବୃଦ୍ଧି କରୁଛି ବୋଲି ଶ୍ରୀ ମୋଦୀ କହିଛନ୍ତି।

***Voice (P.M. Startup)*** *:.......*

ପ୍ରଧାନମନ୍ତ୍ରୀ କହିଛନ୍ତି, ବିକଶିତ ଭାରତ ଗଠନରେ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ରୋଜଗାରମେଳା ଦେଶର ଯୁବପିଢ଼ିଙ୍କୁ ସଶକ୍ତ କରିବାରେ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

ଦେଶର ୪୭ଟି ସ୍ଥାନରେ ଆଜି ରୋଜଗାର ମେଳା ଅନୁଷ୍ଠିତ ହୋଇଛି । ଏପର୍ଯ୍ୟନ୍ତ ରୋଜଗାର ମେଳା ଅଧୀନରେ ୧୦ ଲକ୍ଷରୁ ଅଧିକ ନିଯୁକ୍ତିପତ୍ର ବଣ୍ଟାଯାଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି ।

*Desk*

# ଧର୍ମେନ୍ଦ୍ର - ରୋଜଗାର ମେଳା

ରାଷ୍ଟ୍ରର ବିକାଶରେ ଯୁବପିଢ଼ିଙ୍କ ସର୍ବାଧିକ ଭାଗିଦାରୀ ବୃଦ୍ଧି କରିବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଭୁବନେଶ୍ୱରର ରେଳ ପ୍ରେକ୍ଷାଳୟଠାରେ ୧୬ତମ ରାଷ୍ଟ୍ରୀୟ ରୋଜଗାର ମେଳାରେ ଯୋଗଦେଇ ଶ୍ରୀ ପ୍ରଧାନ ବିଭିନ୍ନ ବିଭାଗର ୨୦୪ ଜଣ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି, ରୋଜଗାର ମେଳା ମାଧ୍ୟମରେ ନିଯୁକ୍ତି ସୁଯୋଗ ସୃଷ୍ଟିକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ପ୍ରଧାନମନ୍ତ୍ରୀଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି । ଦେଶରେ ଡିଜିଟାଲ୍ ଅର୍ଥ କାରବାର ଓ କ୍ୟାପିଟାଲ୍ ପୁଞ୍ଜିନିବେଶର ବୃଦ୍ଧି ଘଟିଛି । ଭାରତ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତି ଭାବେ ଉଭା ହେବା ସହ ଦେଶର ପ୍ରାୟ ୨୫ କୋଟି ଏବଂ ରାଜ୍ୟର ଏକ କୋଟି ଲୋକ ଦାରିଦ୍ର୍ୟ ସୀମାରେଖାରୁ ମୁକ୍ତ ହୋଇ ବିକାଶ ସହ ଯୋଡ଼ି ହୋଇପାରିଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ।

*Desk*

# ଧର୍ମେନ୍ଦ୍ର - ସି.ଏସ୍.ସି.

ସରକାରୀ ସେବାକୁ ସୁବିଧା ଓ ନିରପେକ୍ଷ ଭାବେ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାରେ ଜନସେବା କେନ୍ଦ୍ର - ସି.ଏସ୍.ସି. ପ୍ରମୁଖ ମାଧ୍ୟମ

ପାଲଟିଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଭୁବନେଶ୍ୱରଠାରେ ୧୬ତମ ଜନସେବା କେନ୍ଦ୍ର ପ୍ରତିଷ୍ଠା ଦିବସରେ ଯୋଗଦେଇ ଶ୍ରୀ ପ୍ରଧାନ ଆଜି ସମଗ୍ର ରାଜ୍ୟପାଇଁ ସି.ଏସ୍.ସି. ମାଧ୍ୟମରେ ଇ-ଡିଷ୍ଟ୍ରିକ୍ଟ ସେବାର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି, ସି.ଏସ୍.ସି. ଡିଜିଟାଲ୍ ବିଭାଜନକୁ ଦୂର କରିବା ସହ ସମଗ୍ର ଦେଶରେ ଗ୍ରାମୀଣ ଉଦ୍ୟୋଗକୁ ପ୍ରୋତ୍ସାହିତ କରୁଛି । ରାଜ୍ୟରେ ୩୫ ହଜାରରୁ ଊର୍ଦ୍ଧ୍ୱ ସକ୍ରିୟ ସି.ଏସ୍.ସି. ଡିଜିଟାଲ୍ ସଶକ୍ତୀକରଣକୁ ଆଗେଇ ନେଉଛି । ଗତ ୧୧ ବର୍ଷରେ ସି.ଏସ୍.ସି. ମାଧ୍ୟମରେ ୪୫ ଲକ୍ଷ କୋଟି ଟଙ୍କାର କାରବାର ଦେଶର ଅର୍ଥନୀତିକୁ ମଜବୁତ କରିଛି ବୋଲି କେନ୍ଦ୍ରମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଉପସ୍ଥିତ ଥିଲେ ।

*HS*

## ପି.ଏସ୍.-ସି.ଏମ୍.

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ନୂଆଦିଲ୍ଲୀରେ ସାକ୍ଷାତ୍ ଆଲୋଚନା କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନାବେଳେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ, ଭବିଷ୍ୟତ କାର୍ଯ୍ୟପନ୍ଥା ଏବଂ କେନ୍ଦ୍ର ସହ ସମନ୍ୱୟଦ୍ୱାରା ରାଜ୍ୟର ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା ଉପରେ ମୁଖ୍ୟମନ୍ତ୍ରୀ ଶ୍ରୀମାଝୀ ଗୁରୁତ୍ୱାରୋପ କରିଛନ୍ତି । କେନ୍ଦ୍ର ଓ ରାଜ୍ୟ

ମିଳିତ ଭାବେ ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବା ନିମନ୍ତେ ପ୍ରତିଶ୍ରୁତିବଦ୍ଧ ବୋଲି ସାମାଜିକ ଗଣମାଧ୍ୟମରେ ଶ୍ରୀ ମାଝୀ ସୂଚନା ଦେଇଛନ୍ତି ।

***Desk***

# ରାଷ୍ଟ୍ରପତି - ଏମ୍ସ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ସେମାବାର ଦିନ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରସ୍ଥିତ ଏମ୍ସର ପଞ୍ଚମ ସମାବର୍ତ୍ତନ ସମାରୋହରେ ଯୋଗଦେବେ । ଏହି ଅବସରରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଚଳିତ ବର୍ଷ ୬୪୩ ଜଣ ସ୍ୱାସ୍ଥ୍ୟସେବା ବୃତ୍ତିଧାରୀଙ୍କୁ ଡିଗ୍ରୀ ପ୍ରଦାନ କରିବେ । ଏହା ସହ ୩୧ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ମଧ୍ୟ ସ୍ୱର୍ଣ୍ଣପଦକ ପ୍ରଦାନ କରାଯିବ । କାର୍ଯ୍ୟକ୍ରମରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ବହୁ ବରିଷ୍ଠ ନେତୃମଣ୍ଡଳି ଉପସ୍ଥିତ ରହି ବୋଲି ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଡାକ୍ତର ଆଶୁତୋଷ ବିଶ୍ୱାସ ସୂଚନା ଦେଇଛନ୍ତି ।

*Dhenkanal/R*

## ଡାଇରିଆ ନିୟନ୍ତ୍ରଣ

ଢେଙ୍କାନାଳ ଜିଲ୍ଲାରେ ଡାଇରିଆ ସଂକ୍ରମଣ ନିୟନ୍ତ୍ରଣାଧୀନ ରହିଛି ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସଞ୍ଜୟ ମହାପାତ୍ର କହିଛନ୍ତି । ସଂକ୍ରମଣକୁ ରୋକିବା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି । ଜଳଉତ୍ସଗୁଡ଼ିକୁ ବିଶୋଧନ କରାଯିବା ସହ ବଜାରରେ ମିଳୁଥିବା ଖାଦ୍ୟପଦାର୍ଥର ମାନ ନିୟମିତ ଭାବେ ଯାଞ୍ଚ୍ କରାଯାଉଛି ବୋଲି ଡାକ୍ତର ମହାପାତ୍ର କହିଛନ୍ତି । ବାସିଖାଦ୍ୟ ବିକ୍ରେତାଙ୍କ ଦୋକାନକୁ ସିଲ୍ କରାଯିବା ସହ ଜରିମାନା ମଧ୍ୟ ଆଦାୟ କରାଯାଉଛି । ଏନେଇ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମଦ୍ୱାରା ଜନସାଧାରଣଙ୍କୁ ସଚେତନ କରାଯାଉଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି । ବର୍ତ୍ତମାନ ସ୍ଥିତିରେ ଜିଲ୍ଲାରେ ଡାଇରିଆ ସଂକ୍ରମଣ ହ୍ରାସ ପାଉଛି ବୋଲି ମୁଖ୍ୟ ଚିକିତ୍ସାଧିକାରୀ ସୂଚନା ଦେଇଛନ୍ତି ।

*Desk*

## ମୁଖ୍ୟମନ୍ତ୍ରୀ - ଜନ ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆସନ୍ତା ୧୪ ତାରିଖ ସୋମବାର ଦିନ ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

***Desk***

## ଧର୍ମେନ୍ଦ୍ର - ବିଦ୍ୟୁତ୍‌ପ୍ରଭା

ଓଡ଼ିଆ ସାହିତ୍ୟର ପ୍ରଚାର ଓ ପ୍ରସାରପାଇଁ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର ଜରୁରୀ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଭୁବନେଶ୍ୱରଠାରେ ରାଜ୍ୟ ସରକାରଙ୍କର ଓଡ଼ିଆ ବିଭାଗ ଓ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ବିଶିଷ୍ଟ କବୟିତ୍ରୀ ବିଦ୍ୟୁତ୍‌ପ୍ରଭା ଦେବୀଙ୍କ ଜନ୍ମଶତବାର୍ଷିକୀ ପାଳିତ ଉତ୍ସବରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି, ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିବାରେ ବିଦ୍ୟୁତ୍‌ପ୍ରଭା ଦେବୀଙ୍କର ସାଧନା ଓ ସମର୍ପଣ ଚିରସ୍ମରଣୀୟ । ସମାଜରେ ନାରୀନେତୃତ୍ୱର ଆବଶ୍ୟକତା ସର୍ବଦା ରହିଛି । ଏହାଦ୍ୱାରା ଓଡ଼ିଆ ସାହିତ୍ୟ ବିଶ୍ୱ ବିଦିତ ଓ ସୁସମୃଦ୍ଧ ହୋଇପାରିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ରାଜ୍ୟର ସବ୍‌ଡିଭିଜନ ସ୍ତରରେ ବିଂଶ ଓ ଏକବିଂଶ ଶତାବ୍ଦୀର ମହିଳା ଲେଖିକାମାନଙ୍କର ଅବଦାନକୁ ନୂତନ ପିଢ଼ିଙ୍କ ପାଖରେ ପହଞ୍ଚାଇବାପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ଉଦ୍ୟମ କରିବା ଆବଶ୍ୟକ ବୋଲି ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି ।

*Desk*

## ଡାକକାର୍ଯ୍ୟ ବନ୍ଦ

କଟକର ଡାକ ମୁଖ୍ୟାଳୟ ଜି.ପି.ଓ. ଏବଂ ଏହା ଅଧୀନସ୍ଥ ସମସ୍ତ ଉପଡାକଘର ତଥା ଶାଖା ଡାକଘର ଆସନ୍ତା ୧୪ ତାରିଖ ସୋମବାର ଦିନ ବନ୍ଦ ରହିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏହିସବୁ ଡାକଘରଗୁଡ଼ିକରେ ଏକ ନୂତନ ସଫ୍ଟୱେୟର ଆଇ.ଟି.-୨.୦ର ପ୍ରସାରଣ ଆସନ୍ତା ୧୫ ତାରିଖରେ କାର୍ଯ୍ୟକାରୀ ହେବା ଅବସରରେ ଜନସାଧାରଣଙ୍କୁ ଅବଗତ କରାଯାଇଛି । ଆସନ୍ତା ସୋମବାର ଦିନ ସମସ୍ତ ଡାକ କାରବାର ବନ୍ଦ ରହୁଥିବାରୁ ବିଭାଗୀୟ ବରିଷ୍ଠ ଅଧିକାରୀ ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି ।

*Desk*

## ପତ୍ରମାଧ୍ୟମ ଶିକ୍ଷା - ନାମଲେଖା

ମାଧ୍ୟମିକ ଶିକ୍ଷା ପରିଷଦଦ୍ୱାରା ପରିଚାଳିତ ପତ୍ରମାଧ୍ୟମ ଶିକ୍ଷା ପାଠ୍ୟକ୍ରମ ୨୦୨୫-୨୬ ବର୍ଷରେ ନାମ ଲେଖାଇବାପାଇଁ ଆସନ୍ତା ସୋମବାରଠାରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ । ଏହି ପାଠ୍ୟକ୍ରମ ସମ୍ବନ୍ଧୀୟ ସମସ୍ତ ତଥ୍ୟ ମାଧ୍ୟମିକ ଶିକ୍ଷା ପରିଷଦ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେଉଛି ।

*Jajpur/R*

## ପ୍ରଶିକ୍ଷଣ ଶିବିର ସଙ୍କଳ୍ପ

ଯାଜପୁର ପୌରାଞ୍ଚଳ ବୈଷ୍ଣବ ଦତ୍ତ ସରକାରୀ ଉଚ୍ଚ ବିଦ୍ୟାଳୟରେ ପାଞ୍ଚଦିନିଆ ପ୍ରଶିକ୍ଷଣ ଶିବିର ସଙ୍କଳ୍ପ ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଜିଲ୍ଲାର ୩୦ଟି ପୂର୍ଣ୍ଣ ଅନୁଦାନପ୍ରାପ୍ତ ସରକାରୀ ଉଚ୍ଚ ବିଦ୍ୟାଳୟର ୮୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରଶିକ୍ଷଣ ନେଇଛନ୍ତି । ବିଦ୍ୟାଳୟରେ ପିଲାଙ୍କୁ ଉନ୍ନତମାନର ଶିକ୍ଷା ପ୍ରଦାନ ନିମନ୍ତେ ଶ୍ରେଣୀଶିକ୍ଷାରେ ଶିକ୍ଷକଙ୍କ ଭୂମିକା, ଜାତୀୟ ଶିକ୍ଷାନୀତି-୨୦୨୦, ପଞ୍ଚସଖା ଶିକ୍ଷାସେତୁ, କ୍ୟାରିୟର୍ କାଉନ୍‌ସେଲିଂ ଆଦି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା ।

*Desk*

## 'ଅସ୍ତ୍ର'ର ସଫଳ ପରୀକ୍ଷଣ

ବାଲେଶ୍ୱର ଜିଲ୍ଲା ଚାନ୍ଦିପୁର ସ୍ଥିତ କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ରର ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥାନ - ଡି.ଆର୍.ଡି.ଓ. ଏବଂ ଭାରତୀୟ ବାୟୁସେନାର ମିଳିତ ସହଯୋଗରେ ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ର 'ଅସ୍ତ୍ର'ର ସଫଳ ପରୀକ୍ଷଣ ହୋଇଯାଇଛି । ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ତଥା ଆକାଶମାର୍ଗରୁ ଆକାଶମାର୍ଗକୁ ନିକ୍ଷେପ ହେଉଥିବା ଏହି କ୍ଷେପଣାସ୍ତ୍ର

ଯୁଦ୍ଧାସ୍ତ୍ର ବହନ କରି ୫ ଶହ କିଲୋମିଟର ଦୂର ପର୍ଯ୍ୟନ୍ତ ଲକ୍ଷଭେଦ କରିପାରିବ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଅସ୍ତ୍ର'ର ସଫଳ ପରୀକ୍ଷଣକୁ ନେଇ ଡି.ଆର୍.ଡି.ଓ. ଭାରତୀୟ ବାୟୁସେନାକୁ ଶୁଭେଚ୍ଛା ଜଣାଇବା ସହ ଭାରତ ପ୍ରତିରକ୍ଷା କ୍ଷେତ୍ରରେ ଅଗ୍ରଗାମୀ ହେଉଥିବା ନେଇ ମତ ରଖିଛନ୍ତି। ଏ କ୍ଷେତ୍ରରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

***Met. O.***

## ପାଣିପାଗ

ଛତିଶଗଡ଼ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୃଷ୍ଟ ଘୂର୍ଣ୍ଣିବଳୟ ପ୍ରଭାବରେ ଆସନ୍ତାକାଲିଠାରୁ ରାଜ୍ୟର କେତେକ ସ୍ଥାନରେ ପ୍ରବଳ ବର୍ଷାର ସମ୍ଭାବନା ଥିବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ପ୍ରବଳ ବର୍ଷା ନେଇ ବିଭିନ୍ନ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି।

ହୀରାକୁଦ ଜଳଭଣ୍ଡାରରୁ ୧୪ଟି ଗେଟ୍ ଦେଇ ବନ୍ୟାଜଳ ମହାନଦୀ ଓ କେନାଲ୍‌ଗୁଡ଼ିକୁ ନିଷ୍କାସନ ଜାରି ରହିଛି । ସନ୍ଧ୍ୟା ୬ଟା ସୁଦ୍ଧା ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୨ ଲକ୍ଷ ୮୫ ହଜାର ୮୭୮ ଘନଫୁଟ ଜଳ ପ୍ରବେଶ କରୁଛି। ଏହାସହ ୨ ଲକ୍ଷ ୪୧ ହଜାର ୬୪୪ ଘନଫୁଟ ଜଳ

ସ୍ଲୁଇସ୍ ଗେଟ୍ ଦେଇ ନିଷ୍କାସିତ ହେଉଥିବା ଡ୍ୟାମ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

*****